# 7th India-EU Foreign Policy & Security Consultations

October 22, 2020

## ସପ୍ତମ ଭାରତ-ୟୁରୋପୀୟ ସଂଘ ବୈଦେଶିକ ନୀତି ଓ ସୁରକ୍ଷା ପରାମର୍ଶ ବୈଠକ

**ଅକ୍ଟୋବର** 22, 2020

1. ସପ୍ତମ ଭାରତ-ୟୁରୋପୀୟ ସଂଘ ବୈଦେଶିକ ନୀତି ଓ ସୁରକ୍ଷା ପରାମର୍ଶ ବୈଠକ ଅକ୍ଟୋବର 22, 2020 ରେ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସଚିବ (ପଶ୍ଚିମ) ଶ୍ରୀ ବିକାଶ ସ୍ୱରୂପ ଏବଂ ୟୁରୋପୀୟ ବୈଦେଶିକ କାର୍ଯ୍ୟ ସେବାର ରାଜନୈତିକ ନିର୍ଦ୍ଦେଶକ/ରାଜନୈତିକ ବ୍ୟାପାର ଉପ ମହାସଚିବ ଶ୍ରୀ ଏନରିକ ମୋରା ଏହି ବୈଠକରେ **ମିଳିତ ଭାବେ** ଅଧ୍ୟକ୍ଷତା କରିଥିଲେ।

2. ଉଭୟ ପକ୍ଷ ସନ୍ତୁଷ୍ଟିର ସହ ଉଲ୍ଲେଖ କରିଥିଲେ ଯେ ଜୁଲାଇ 2020 ରେ ଅନୁଷ୍ଠିତ 15ତମ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀ ଭାରତ-ୟୁରୋପୀୟ ସଂଘ ସଂପର୍କକୁ ନୂତନ ରାଜନୈତିକ ଗତି ପ୍ରଦାନ କରିଛି। ସେମାନେ ଏହି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର ସମୀକ୍ଷା କରିଥିଲେ ଏବଂ "ଭାରତ-ୟୁରୋପୀୟ ସଂଘ ରଣନୀତିକ ଭାଗିଦାରୀ: 2025 ପର୍ଯ୍ୟନ୍ତ ନିର୍ଦ୍ଧାରିତ ମାର୍ଗ" କାର୍ଯ୍ୟକାରୀ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିଥିଲେ। ସାଇବର ସୁରକ୍ଷା, ଆତଙ୍କବାଦର ମୁକାବିଲା, ସାମୁଦ୍ରିକ ଜଳପଥ ସୁରକ୍ଷା, ନିରସ୍ତ୍ରୀକରଣ ଏବଂ ପରମାଣୁ ଅପ୍ରସାର ସମେତ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବିଭିନ୍ନ ଅନୁଷ୍ଠାନିକ କାର୍ଯ୍ୟ ପ୍ରଣାଳୀର ସମୀକ୍ଷା କରିଥିଲେ। ଏହା ସହିତ ସେମାନେ ଭାରତ-ୟୁରୋପୀୟ ସଂଘ ସୁରକ୍ଷା ସହଭାଗୀତା ଅଧୀନରେ ସହଯୋଗ ବୃଦ୍ଧିର ସମ୍ଭାବନା ଅନୁସନ୍ଧାନ କରିଥିଲେ।

3. କୋଭିଡ ପରବର୍ତ୍ତୀ ବିଶ୍ୱରେ ଭାରତ-ୟୁରୋପୀୟ ସଂଘ ରଣନୀତିକ ଭାଗିଦାରୀକୁ ମଜବୁତ କରିବାର ସୁଯୋଗ ଉପରେ ଉଭୟ ପକ୍ଷ ଆଲୋଚନା କରିଥିଲେ, ଯେପରିକି ସ୍ୱାସ୍ଥ୍ୟସେବା, ବିଶ୍ୱ ଯୋଗାଣ ଶୃଙ୍ଖଳାରେ ସ୍ଥିରତା, ସୁଧାରିତ ବହୁପକ୍ଷୀୟତା ଏବଂ ସବୁଜ ପରିବର୍ତ୍ତନ। ବିଶ୍ୱ ଅର୍ଥନୀତି ପୁନରୁଦ୍ଧାର ପାଇଁ ଉଦ୍ୟମରେ ସେମାନେ ଭାରତ-ୟୁରୋପୀୟ ସଂଘ ସହଯୋଗର ଗୁରୁତ୍ୱକୁ ମଧ୍ୟ ଉଲ୍ଲେଖ କରିଥିଲେ ଏବଂ ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ଏବଂ ନିବେଶ ଉପରେ ଉଚ୍ଚ ସ୍ତରୀୟ ଆଲୋଚନା ଆୟୋଜନ କରିବାକୁ ସହମତି ପ୍ରକାଶ କରିଥିଲେ। ଭାରତ-ୟୁରୋପୀୟ ସଂଘ **ସଂଯୋଗିକରଣ** ଭାଗିଦାରୀ ଉପରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ଏବଂ ସାଇବର ସୁରକ୍ଷା ଓ କୃତ୍ରିମ ବୁଦ୍ଧିମତା ସହିତ ଡିଜିଟାଲ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

4. ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ ଏବଂ 2021 ମସିହାରେ ପର୍ତ୍ତୁଗାଲରେ ହେବାକୁ ଥିବା ପରବର୍ତ୍ତୀ ଭାରତ-ୟୁରୋପୀୟ ସଂଘ27 ନେତାଙ୍କ ବୈଠକ ପାଇଁ ଘନିଷ୍ଠ ସହଯୋଗ ବଜାୟ ରଖିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**
**ଅକ୍ଟୋବର** 22, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.